# YUVA EXPLORERS

ISSUE 2 | APRIL 2026

ODIA






ଅନେକ ବର୍ଷ ଧରି, ଭାରତର ଇତିହାସ ଏକ ପାଶ୍ଚାତ୍ୟ, ଔପନିବେଶିକ ଚିନ୍ତାଧାରାରେ ଲେଖାଯାଇଥିଲା, ଯାହା ଘଟଣାଗୁଡ଼ିକର ବ୍ୟାଖ୍ୟା ଏବଂ ବୁଝାମଣାକୁ ଏକ ରୂପ ଦେଇଥିଲା ଏବଂ ଆଜିକା ସମୟରେ ଆମେ ଆମ ଦେଶକୁ ନେଇ କିପରି ଭାବନା ରଖୁଛୁ ତାକୁ ମଧ୍ୟ ପ୍ରଭାବିତ କରିଅଛି। ଏଥିଯୋଗୁଁ ଅନେକ କାହାଣୀ ଅସମ୍ପୂର୍ଣ୍ଣ ମନେ ହେଉଥିଲା। ଆଜି, ଆମେ ଆମର ଇତିହାସକୁ ଆମ ନିଜ ଶବ୍ଦରେ ବୁଣିବାର ସୁଯୋଗକୁ ଉତ୍ସାହର ସହିତ ପାଳନ କରୁଛୁ।

**ଆମେ ହେଉଛୁ ଫାଉଣ୍ଡେସନ୍ ଫର ଇଣ୍ଡିଆନ୍ ହିଷ୍ଟୋରିକାଲ୍ ଆଣ୍ଡ କଲ୍‌ଚରାଲ୍ ରିସର୍ଚ୍ଚ (ସଂକ୍ଷେପରେ FIHCR) ଟିମ୍। ଆମେ ଆମ ଦେଶର ସମୃଦ୍ଧ ଇତିହାସ, ଆକର୍ଷଣୀୟ ପରମ୍ପରା ଏବଂ ଏ ଦେଶର ପ୍ରଭାବଶାଳୀ ନାୟକମାନଙ୍କର ଖୋଜ କରି ଏବଂ ସେମାନଙ୍କର ବଡ଼ିମା ଗୁଣଗାନ୍ କରିବାରେ ସାହାଯ୍ୟ କରୁ।**

ଆପଣ ଆମର ୟୁଭା (YUVA) କାର୍ଯ୍ୟକ୍ରମ ବିଷୟରେ ଅବଗତ କି? ଯଦି ଆପଣଙ୍କ ବୟସ ୬ ରୁ ୧୮ ବର୍ଷ ମଧ୍ୟରେ, ତେବେ YUVA ଆପଣଙ୍କ ପାଇଁ ହିଁ ପ୍ରସ୍ତୁତ କରାଯାଇଛି! ଇତିହାସକୁ ଆପଣଙ୍କ ପାଇଁ ମଜାଦାର କରିବା ହିଁ ଆମର ମୂଳ ଲକ୍ଷ୍ୟ।

ପ୍ରତି ଦୁଇ ମାସରେ, ଏହି ପତ୍ରିକା ମାଧ୍ୟମରେ, ଆମେ ଆପଣଙ୍କୁ ଇତିହାସ ଭିତରକୁ ଝାଙ୍କିବାର ସୁଯୋଗ ଦେବୁ। ଆମେ ଭାରତର ରୋମାଞ୍ଚକର, ଲୁକ୍କାୟିତ ଅଂଶଗୁଡ଼ିକୁ ଅନୁସନ୍ଧାନ କରିବୁ ଏବଂ ଅଖ୍ୟାତ ବୀର ଏବଂ ଜନନାୟକମାନଙ୍କ ବିଷୟରେ ଅବଗତ କରାଇବୁ, ଯେଉଁମାନେ ଆମ ଦେଶ ଗଠନରେ ସାହାଯ୍ୟ କରିଥିଲେ।

**ଶିଖିବା ଏବଂ ଉପଭୋଗ କରିବା ପାଇଁ ପ୍ରସ୍ତୁତ ହୋଇଯାଆନ୍ତୁ!**



ଡଃ. ବିକ୍ରମ ସମ୍ପତ

**ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ, FIHCR**

ଲେଖକ, ଐତିହାସିକ, ଫେଲୋ ଅଫ୍ ଦ ରୟାଲ୍ ହିଷ୍ଟୋରିକାଲ୍ ସୋସାଏଟି, ୟୁକେ

## ପ୍ରତିଷ୍ଠାତାଙ୍କ ବାର୍ତ୍ତା

FIHCR ଏକ ସରଳ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିଲା: ଭାରତକୁ ନିଜର କାହାଣୀକୁ ନିଷ୍ଠା ଏବଂ କଠୋରତା ସହିତ ପୁନର୍ବାର ଆବିଷ୍କାର କରିବାକୁ ଉତ୍ସାହିତ କରିବା ପାଇଁ। ଆମର ପିଲାମାନେ ଏପରି କାହାଣୀ ଜାଣିବା ଯୋଗ୍ୟ ଯାହା ଜୀବନ୍ତ, ଯାହା କଳ୍ପନା, ସାହସ, ପାଣ୍ଡିତ୍ୟ ଏବଂ ଐତିହ୍ୟ ବିଷୟରେ ସୂଚନା ପ୍ରଦାନ କରେ। ଯେତେବେଳେ ଯୁବ ମସ୍ତିଷ୍କ ଅନୁସନ୍ଧାନ ଏବଂ ରୋମାଞ୍ଚ ମାଧ୍ୟମରେ ଇତିହାସ ସହିତ ଜଡ଼ିତ ହୁଏ, ସେମାନେ ଶକ୍ତି ଏବଂ ସ୍ୱଷ୍ଟତା ଉପରେ ଆଧାରିତ ଏକ ଭବିଷ୍ୟତ ଗଠନ କରନ୍ତି।

YUVA ସେହି ଭାବନାକୁ ଉତ୍ସାହର ସହିତ ପାଳନ କରେ। ଏହା ଛାତ୍ରଛାତ୍ରୀମାନଙ୍କୁ ଅଜଣା ପଥ ଅନୁସନ୍ଧାନ କରିବାକୁ, ନିର୍ଭୟରେ ପ୍ରଶ୍ନ ପଚାରିବାକୁ ଏବଂ ଅତୀତ ସହିତ ସେମାନଙ୍କର ନିଜର ସମ୍ପର୍କ ବିଷୟରେ ଅବଗତ ହେବାର ସୁଯୋଗ ଦିଏ। ଏହି କାର୍ଯ୍ୟ ଅତ୍ୟଧିକ ଆନନ୍ଦଦାୟକ କାରଣ ଇତିହାସ କେବେ ବି ସ୍ଥିର ନୁହେଁ। ସବୁବେଳେ କିଛି ନୂଆ ଖୋଜ୍ ମିଳିବାର ସମ୍ଭାବନା ଥାଏ।

**ଶିକ୍ଷା ଏବଂ ପୁନଃ ଆବିଷ୍କାରର ଏହି ଯାତ୍ରାରେ ଭାଗ ଦେଇଥିବାରୁ ଧନ୍ୟବାଦ।**



## ନମସ୍କାର, ସାଥୀ ଅନ୍ୱେଷକଗଣ!

ମୁଁ କବି, ସେହି ତୀକ୍ଷ୍ଣ ଦୃଷ୍ଟି ସମ୍ପନ୍ନ କାଉ ଯିଏ ଶତାବ୍ଦୀ ଶତାବ୍ଦୀ ଧରି ଆକାଶରୁ ଭାରତର କାହାଣୀକୁ ଉନ୍ମୋଚିତ ହେବାର ଦେଖିଛି।

ଅଧିକାଂଶ ଲୋକ ଇତିହାସକୁ ଏକ ଓଜନୀଆ, ଧୂଳି ବସିଯାଇଥିବା ବହି ଭିତରେ ବନ୍ଦୀ ହୋଇ ରହିଥାଏ ବୋଲି କିଛି ଲେକଙ୍କ ଧାରଣା, କିନ୍ତୁ ଆକାଶରୁ, ମୋତେ ଏକ ଭିନ୍ନ କାହାଣୀ ଦେଖାଯାଉଛି! ଆପଣ ଚାଲୁଥିବା ରାସ୍ତା, ଆପଣ ପିଉଥିବା ପାଣି, ଏବଂ ଏପରିକି ଆପଣଙ୍କ ନିଜ ନାମ ଲେଖିବାର ଶୈଳୀ ମଧ ଅତୀତର ଘଟଣାଗୁଡ଼ିକ ଦ୍ୱାରା ପ୍ରଭାବିତ।

ଏହି ସଂସ୍କରଣରେ, ସମୟ ମାଧମରେ ଏକ 'ସ୍କାଭେଞ୍ଜର ହଣ୍ଟ' (ଖୋଜିବା ଖେଳ) ରେ ଆମେ ଯିବା! ଆମେ ଖ୍ରୀଷ୍ଟପୂର୍ବ ୩୨୬ରେ ଝେଲମ୍ ନଦୀ କୂଳରୁ 'ୱାର ଆଲର୍ଟ' ସହିତ ଆରମ୍ଭ କରୁଛୁ, ଯେଉଁଠାରେ ମାସେଡୋନିଆର ଆଲେକ୍ସଜାଣ୍ଡାରଙ୍କ ସହ ରାଜା ପୁରୁଙ୍କର ମୁହାଁମୁହିଁ ହୋଇଛି। ତା'ପରେ ଆମେ ପ୍ରାୟ ୩୦୦୦ ବର୍ଷ ପୂର୍ବେ ଥିବା ବିଦ୍ୟାଳୟଗୁଡ଼ିକୁ ପରିଦର୍ଶନ କରାଇବୁ, ଯେଉଁଠାରେ ଶିଖିବା ପାଇଁ ଆପଣଙ୍କୁ ବ୍ୟାଗ୍, କଲମ କିମ୍ବା ନୋଟ୍ବୁକ୍ ଦରକାର ପଡୁନଥିଲା ଏବଂ ତଥାପି ଛାତ୍ରମାନେ ଏକ ସମ୍ପୂର୍ଣ୍ଣ ଏନ୍ସାଇକ୍ଲୋପିଡିଆ ମନେ ରଖିବା ପାଇଁ ନିଜ ବୁଦ୍ଧିକୁ ସୁପର କମ୍ପ୍ୟୁଟର ପରି ବ୍ୟବହାର କରୁଥିଲେ !

ଆପଣ 'ଲେଟ୍ସ ଲର୍ଣ୍ଣ ବ୍ରାହ୍ମୀ' ରେ ଭାରତର 'ମାତୃଲିପି' ରେ ଶିଖିବାକୁ ଚେଷ୍ଟା କରିପାରିବେ ଏବଂ ଆମର 'ହ୍ୱିସ୍ପର୍ ଟେଷ୍ଟ' ମାଧମରେ ଦେଖିପାରିବେ ଯେ ଆପଣଙ୍କର ନିଜର ସ୍ମୃତି ଶକ୍ତି ଜଣେ ପ୍ରାଚୀନ ପଣ୍ଡିତଙ୍କ ପରି ତୀକ୍ଷ୍ଣ କି ନୁହେଁ। ତା'ପରେ ଆମେ ସେହି 'ସୁପର୍-ସ୍କଲାର୍ସ' ମାନଙ୍କୁ ଭେଟିବା ଯେଉଁମାନେ ଅସ୍ତ୍ରୋପଚାର, ବ୍ୟାକରଣ ଏବଂ ନକ୍ଷତ୍ର ବିଷୟରେ ବିଶ୍ୱର ପ୍ରଥମ ପୁସ୍ତକ ରଚନା କରିଥିଲେ।

ଶେଷରେ, ଶିକ୍ଷକଙ୍କ କ୍ଷେତ୍ର (Teacher's Corner) ପାଇଁ, ଆମେ ବେଙ୍ଗାଲୁରୁ ଉପରେ ଉଡ଼ାଣ ଭରି ଦେଖିବା କିପରି ରାଜା କେମ୍ପେଗୌଡ଼ା ପ୍ରଥମଙ୍କ ଦ୍ୱାରା ନିର୍ମିତ ଏକ ୫୦୦ ବର୍ଷ ପୁରୁଣା 'ଜଳ ଶୃଙ୍ଖଳା' (water chain) ଆଜି ମଧ ବିଦ୍ୟମାନ ଅଛି।

ଇତିହାସ ଏକ ବିରକ୍ତିକର ଜିନିଷ ନୁହେଁ ଯାହା ବହୁ ପୂର୍ବରୁ ଘଟିଯାଇଛି। ଏହା ଆପଣଙ୍କ ଚାରିପାଖରେ ସବୁବେଳେ ଘଟୁଥାଏ! ତେଣୁ ନିଜ ଆଖିକୁ ତୀକ୍ଷ୍ଣ କରନ୍ତୁ ଏବଂ ଆସନ୍ତୁ ପାଠ୍ୟପୁସ୍ତକ ପରିସର ବାହାରେ ଇତିହାସକୁ ଅତି ନିକଟରୁ ଦେଖିବା!

**— କବି, ମୁଖ୍ୟ ଅନ୍ୱେଷକ (Chief Explorer)**



# ପ୍ରାଚୀନ ଭାରତର ସମୟ

## ଯୁଦ୍ଧ ଆଲର୍ଟ: ଜଣେ ବିଦେଶୀ ରାଜା ଭାରତରେ ପ୍ରବେଶ କରିଛନ୍ତି!



### ଯୁଦ୍ଧକ୍ଷେତ୍ରରୁ ସିଧାପ୍ରସାରଣ (ଖ୍ରୀଷ୍ଟପୂର୍ବ ୩୨୬)

**ଝେଲମ ନଦୀ କୂଳରୁ ମୁଁ କବି ରିପୋର୍ଟ କରୁଛି ଏବଂ କିଛିଗୋଟେ 'ବଡ଼' ଘଟଣା ଘଟୁଛି!**

ବହୁ ଦୂରରୁ ଆସିଥିବା ଜଣେ ଶକ୍ତିଶାଳୀ ରାଜା, ମାସେଡୋନିଆର ଆଲେକ୍ଜାଣ୍ଡାର୍, ନିଜର ବିଶାଳ ଦୁର୍ଦାନ୍ତ ସେନା ସହିତ ଭାରତୀୟ ଉପମହାଦ୍ୱୀପରେ ପ୍ରବେଶ କରିଛନ୍ତି। ଯୁଆଡ଼େ ଚାହିଁଲେ କେବଳ ସୈନ୍ୟ, ଘୋଡ଼ା ଏବଂ ଯୁଦ୍ଧ ସରଞ୍ଜାମ ଦେଖାଯାଉଛି!

କିନ୍ତୁ ଅପେକ୍ଷା କରନ୍ତୁ! କେବଳ ସେ ଏକା ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଆସିନାହାନ୍ତି! ପୌରବ ରାଜ୍ୟର ଜଣେ ସାହସୀ ଭାରତୀୟ ଶାସକ, ରାଜା ପୁରୁ, ଝେଲମ ନଦୀ ନିକଟରେ ତାଙ୍କର ସମ୍ମୁଖୀନ ହେବା ପାଇଁ ମଧ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଏବଂ ତାହା କ'ଣ ଥିଲା ଜାଣିଛନ୍ତି? ରାଜା ପୁରୁଙ୍କ ପାଖରେ ଏପରି କିଛି ଅଛି ଯାହା ଆଲେକ୍ଜାଣ୍ଡାର ପୂର୍ବରୁ କେବେ ଦେଖି ନଥିଲେ - ଯୁଦ୍ଧ ହାତୀ!

ଅନେକ ଦିନ ଧରି, ଉଭୟ ସେନା ପରସ୍ପରକୁ ବିପରୀତ କୂଳରୁ ନଜର ରଖିଛନ୍ତି। ଏବଂ ଏବେ, ଆଲେକ୍ଜାଣ୍ଡାର ରାତିରେ ନିଜର ଚାଲ୍ ଚାଲୁଛନ୍ତି, ଯେତେବେଳେ ଶତ୍ରୁ ଶୋଇରହିଛି। ସେ ଲୁକ୍କାୟିତ ଭାବରେ ଅନ୍ୟ ଏକ ପାର୍ଶ୍ୱରୁ ନଦୀ ପାର କରୁଛନ୍ତି। ଆଲେକ୍ଜାଣ୍ଡାର ବର୍ତ୍ତମାନ ଏକ ପିନ୍ସର ଆକ୍ରମଣ (pincer attack) ଆରମ୍ଭ କରିଛନ୍ତି, ଯାହା ପୁରୁଙ୍କୁ ଏକାସାଙ୍ଗରେ ଦୁଇ ପାର୍ଶ୍ୱରୁ ଆଘାତ କରୁଛି!

ଯୁଦ୍ଧ ଅତ୍ୟନ୍ତ ଭୟଙ୍କର ରୂପ ଧାରଣକରିଛି। ଘୋଡ଼ାମାନେ ଦୌଡ଼ୁଛନ୍ତି, ସୈନ୍ୟମାନେ ପରସ୍ପର ସହ ଲଢୁଛନ୍ତି ଏବଂ ଝେଲମ୍ ନଦୀ ଗର୍ଜନ କରୁଥିବା ବେଳେ ବିଶାଳ ଯୁଦ୍ଧ ହାତୀମାନେ ଯୁଦ୍ଧକ୍ଷେତ୍ରରେ କମ୍ପନ ସୃଷ୍ଟି କରୁଛନ୍ତି!

ବର୍ତ୍ତମାନ ପ୍ରାୟ ପାହାନ୍ତି ସମୟ। ଆଲେକ୍ଜାଣ୍ଡାର୍ ଯୁଦ୍ଧ ଜିତିବାରେ ସଫଳ ହୋଇଛନ୍ତି ଏବଂ ପରାଜିତ ରାଜା ପୁରୁଙ୍କୁ ତାଙ୍କ ସମ୍ମୁଖକୁ ଅଣାଯାଉଛି। ଆଲେକ୍ଜାଣ୍ଡାର୍ ପୁରୁଙ୍କୁ ପଚାରିଲେ ଯେ ସେ କିପରି ବ୍ୟବହାର ପାଇବାକୁ ଆସାକରୁଛନ୍ତି, ଯାହାର ଉତ୍ତରରେ ପୁରୁ ସାହସର ସହିତ କହିଲେ, 'ଜଣେ ରାଜାଙ୍କ ପରି!' ତାଙ୍କର ପରାଜୟ ପ୍ରାପ୍ତ କରିସାରିବା ପରେ ମଧ୍ୟ ଏପରି ସାହସ ଦେଖି ଆଲେକ୍ଜାଣ୍ଡାର୍ ଅତ୍ୟନ୍ତ ପ୍ରଭାବିତ ହୋଇଛନ୍ତି।

ଏହା ଆଶ୍ଚର୍ଯ୍ୟଜନକ, ମୁଁ ଯାହା ଦେଖୁଛି ତାହା ବିଶ୍ୱାସ କରିପାରୁନାହିଁ! ଆଲେକ୍ଜାଣ୍ଡାର୍ ପୁରୁଙ୍କୁ ପରାଜିତ ହେବା ସତ୍ତ୍ୱେ ପୁଣି ରାଜା ଭାବରେ ସ୍ଥାପିତ କଲେ!

ଝେଲମ୍ ଯୁଦ୍ଧ କିଛି ଦିନ ପୂର୍ବରୁ ଶେଷ ହୋଇଛି। କିନ୍ତୁ ଏହା ବହୁତ କ୍ଷତି ଘଟାଇଛି। ଆଲେକ୍ଜାଣ୍ଡାର୍‌ଙ୍କ ସୈନ୍ୟମାନେ ବିଦ୍ରୋହୀ ମନେ ହେଉଛନ୍ତି ଏବଂ ଆଗକୁ ବଢ଼ିବାକୁ ମନା କରୁଛନ୍ତି। ଜଣେ ସୈନିକ ଆମକୁ କହୁଛନ୍ତି ଯେ ଭାରତୀୟମାନଙ୍କ ଭୟଙ୍କର ପ୍ରତିରୋଧ ଦ୍ୱାରା ସେମାନେ ବିଚଳିତ ହୋଇପଡ଼ିଛନ୍ତି।

ଶକ୍ତିଶାଳୀ ଆଲେକ୍ଜାଣ୍ଡାର ନିଜ ସେନାର ନିଷ୍ପତ୍ତିକୁ ଗ୍ରହଣ କରିବାକୁ ବାଧ ହୋଇଛନ୍ତି।

ଏବଂ ଏହିପରି ଭାବରେ ବିଶ୍ୱର ଜଣେ ମହାନ୍ ବିଜେତାଙ୍କ ଯାତ୍ରା ବ୍ୟାସ ନଦୀ କୂଳରେ ଅଟକି ଯାଇଛି!



# ବହି ବିନା ଶିକ୍ଷା!
## ପ୍ରାଚୀନ ଭାରତରେ ବିଦ୍ୟାଳୟ



କଳ୍ପନା କରନ୍ତୁ କି ଆପଣଙ୍କୁ କୌଣସି ଭାରୀ ବ୍ୟାଗ୍ ନନେଇ ସ୍କୁଲ୍ ଯିବାକୁ କିମ୍ବା ନୋଟବୁକ୍‌ଗୁଡ଼ିକୁ ସାରିବାକୁ କୁହାଯାଉ ନାହିଁ। ଏହା ଏକ ସ୍ୱପ୍ନ ପରି ମନେ ହେଉଛି, ନା କି? ଯଦି ଆପଣ କେବେ ପ୍ରାୟ ୩୦୦୦ ବର୍ଷ ପୂର୍ବର ପ୍ରାଚୀନ ଭାରତକୁ ସମୟ ଯାତ୍ରା (time-travel) କରନ୍ତେ, ତେବେ ଆପଣ ସେହି ବାସ୍ତବତାକୁ ଅନୁଭବ କରନ୍ତେ। ପ୍ରାଚୀନ ଭାରତରେ, ଛାତ୍ରମାନେ ପ୍ରାୟତଃ କୌଣସି ଜିନିଷ ଲେଖୁ ନଥିଲେ। ସେମାନେ ଶୁଣୁଥିଲେ, ପୁନରାବୃତ୍ତି କରୁଥିଲେ ଏବଂ ମନେ ରଖୁଥିଲେ। ଏହାକୁ ମହାନ 'ମୌଖିକ ପରମ୍ପରା' (oral tradition) କୁହାଯାଇପାରେ, ଯେଉଁଠାରେ ଶିକ୍ଷକମାନେ ପାଟିକରି ପଢୁଥିଲେ କିମ୍ବା କହୁଥିଲେ, ଏବଂ ଛାତ୍ରମାନେ ସବୁକିଛି ମନେ ନ ରଖିବା ପର୍ଯ୍ୟନ୍ତ ସେଗୁଡ଼ିକର ପୁନରାବୃତ୍ତି କରୁଥିଲେ।

ଆପଣ ହୁଏତ ଭାବୁଥିବେ କି ଜଣେ କିପରି ଏତେ ସବୁ ତଥ୍ୟ ମନେ ରଖିପାରୁଥିଲେ? ଅବଶ୍ୟ, ସେମାନଙ୍କ ପାଖରେ କିଛି କୌଶଳ ଥିଲା। ଉଦାହରଣ ସ୍ୱରୂପ, ସେମାନେ **'ପ୍ରଦପାଠ' (Pradapatha)** କୌଶଳ ବ୍ୟବହାର କରୁଥିଲେ ଯେଉଁଠାରେ ସେମାନେ ଶବ୍ଦ ଅନୁସାରେ ପାଠ କରୁଥିଲେ, କିମ୍ବା **'କ୍ରମପାଠ' (Kramapatha)** ଯାହା ଶବ୍ଦଗୁଡ଼ିକୁ ଏକ କ୍ରମରେ ଯୋଡ଼ିଥାଏ, ଏବଂ ଅଧିକ ଉନ୍ନତ **'ଘନପାଠ' (Ghanapatha)** ଯାହା ଏକ ଜଟିଳ ପାଠ ଶୈଳୀର ସୁବିଧା ନେଇଥାଏ।

ତେବେ, ସେମାନେ କ'ଣ ଶିଖୁଥିଲେ ଏବଂ ମନେ ରଖୁଥିଲେ? ପ୍ରାଚୀନ ଭାରତୀୟ ପାଠ୍ୟକ୍ରମ ଏହା ନିର୍ଧାରିତ କରୁଥିଲା ଯେ ଶିକ୍ଷା ସମାପ୍ତ କରିଥିବା ଛାତ୍ରମାନେ 'ବହୁଶାସ୍ତ୍ରଜ୍ଞ' (polymaths - ଜଣେ ବ୍ୟକ୍ତି ଯିଏ ଅନେକ ବିଷୟରେ ବହୁତ କିଛି ଜାଣନ୍ତି) ହୁଅନ୍ତୁ। ଏହା ନିଶ୍ଚିତ କରିବା ପାଇଁ, ସେମାନଙ୍କୁ ଆମର ଜଣାଶୁଣା ସବୁଠାରୁ ପୁରାତନ ପବିତ୍ର ଗ୍ରନ୍ଥ 'ବେଦ' ଶିକ୍ଷା ପ୍ରଦାନ କରାଯାଉଥିଲା।

### ଆପଣ ଜାଣନ୍ତି କି?

**ବେଦଗୁଡ଼ିକ କିଛି ଶହ ବର୍ଷ ପର୍ଯ୍ୟନ୍ତ ଲିଖିତ ହୋଇନଥିଲା, ଏବଂ କେବଳ ସ୍ମରଣ କୌଶଳ ମାଧ୍ୟମରେ ହିଁ ଏହି ଜ୍ଞାନକୁ ସଂରକ୍ଷିତ କରାଯାଇଥିଲା।**

ଚାରୋଟି ବେଦ ଅଛି, ଯଥା - **ଋଗ୍‌ବେଦ, ଯଜୁର୍ବେଦ, ସାମବେଦ ଏବଂ ଅଥର୍ବବେଦ, ଯାହା ପ୍ରାଚୀନ ଜ୍ଞାନର ଏକ କୋଷ** (encyclopaedias) ସଦୃଶ। ଏଥିରେ ଜ୍ୟୋତିର୍ବିଜ୍ଞାନ, କୃଷି, ଦର୍ଶନ, ଭାଷାବିଜ୍ଞାନ ଏବଂ ଅନ୍ୟାନ୍ୟ ଅନେକ ବିଷୟ ଉପରେ ଧାରଣା ରହିଛି। ବେଦରେ ପାରଙ୍ଗମ ହେବା ପାଇଁ ଛାତ୍ରମାନଙ୍କୁ 'ବେଦାଙ୍ଗ' ନାମକ ଛଅଟି ସହାୟକ ବିଷୟ ଶିକ୍ଷା ଦିଆଯାଉଥିଲା। ଏଥିରେ ଶିକ୍ଷ୍ୟା (phonetics), ବ୍ୟାକରଣ (grammar), ଛନ୍ଦ (meter), ନିରୁକ୍ତି (etymology), କଳ୍ପ (rituals), ଏବଂ ଜ୍ୟୋତିଷ (astronomy/calendars, calculations) ଅନ୍ତର୍ଭୁକ୍ତ ଥିଲା। ଏଗୁଡ଼ିକ ମିଶି ଅନେକ କ୍ଷେତ୍ରକୁ ଆବୃତ କରୁଥିଲେ। ତେଣୁ, ପ୍ରାଚୀନ ଭାରତର ଜଣେ ଛାତ୍ର ଏପରି ଏକ ପାଠ୍ୟକ୍ରମ ଅନୁସରଣ କରୁଥିଲେ ଯାହା ସେହି ସମୟ ତୁଳନାରେ ବହୁତ ଆଗରେ ଥିଲା।



# ଦି ହ୍ୱିସ୍ପର୍ ଟେଷ୍ଟ (THE WHISPER TEST)

## ସ୍ମୃତି କ'ଣ ଏକ କାହାଣୀକୁ ବଦଳାଇ ଦେଇପାରେ?

ଅନେକ ଶତାବ୍ଦୀ ଧରି, ପ୍ରାଚୀନ ଭାରତରେ ଜ୍ଞାନ ମୁଖ୍ୟତଃ ସ୍ମୃତି ଏବଂ ପାଠ ମାଧ୍ୟମରେ ପିଢ଼ି ପରେ ପିଢ଼ି ହସ୍ତାନ୍ତରିତ ହେଉଥିଲା। କିନ୍ତୁ ଆପଣ କେବେ 'ଚାଇନିଜ୍ ହ୍ୱିସ୍ପର୍ସ' (Chinese Whispers) ଖେଳିଛନ୍ତି କି? ଏହି ଖେଳରେ, ଜଣେ ବ୍ୟକ୍ତି ଧାଡ଼ିରେ ଥିବା ପରବର୍ତ୍ତୀ ବ୍ୟକ୍ତିଙ୍କୁ ଏକ ବାକ୍ୟ ଧୀରେ କୁହନ୍ତି। ଶେଷ ବ୍ୟକ୍ତିଙ୍କ ପାଖରେ ପହଞ୍ଚିବା ବେଳକୁ, ବାର୍ତ୍ତାଟି ପ୍ରାୟତଃ ସମ୍ପୂର୍ଣ୍ଣ ଭିନ୍ନ ହୋଇଯାଇଥାଏ!



**ଆସନ୍ତୁ ଏକ ସଂକ୍ଷିପ୍ତ ପରୀକ୍ଷା କରି ଦେଖିବା।**

**ପଦକ୍ଷେପ ୧:** ଏହି ବାକ୍ୟଟିକୁ କେବଳ ଥରେ ଧ୍ୟାନର ସହ ପଢ଼ନ୍ତୁ: "ଜଣେ ଜ୍ଞାନୀ ଶିକ୍ଷକ ପ୍ରତ୍ୟେକ ଜିଜ୍ଞାସୁ ଛାତ୍ରଙ୍କ ସହ ଜ୍ଞାନ ବାଣ୍ଟନ୍ତି।"

**ପଦକ୍ଷେପ ୨:** ଆପଣଙ୍କ ଆଖି ବନ୍ଦ କରନ୍ତୁ ଏବଂ ୧୦ ରୁ ୧ ପର୍ଯ୍ୟନ୍ତ ଓଲଟା ଗଣନ୍ତୁ। ମନେ ରଖନ୍ତୁ ଯେପରି ମନେ ମନେ ବାକ୍ୟଟିକୁ ପୁନରାବୃତ୍ତି ନ କରନ୍ତି। ୧୦ ସେକେଣ୍ଡ ପରେ, ସ୍ମୃତିରୁ ବାକ୍ୟଟିକୁ ଲେଖନ୍ତୁ।

**ପଦକ୍ଷେପ ୩:** ଏହାକୁ ମୂଳ ବାକ୍ୟ ସହିତ ତୁଳନା କରନ୍ତୁ। ପ୍ରତ୍ୟେକ ଶବ୍ଦ ସମାନ ରହିଲା କି? ନା କିଛି ବଦଳିଗଲା?

**ଏବେ ଏହା କଳ୍ପନା କରନ୍ତୁ...**

ଯଦି ଏକ ବାକ୍ୟକୁ ୧୦ ସେକେଣ୍ଡ ପାଇଁ ନୁହେଁ, ବରଂ ୧୦ ବର୍ଷ ପାଇଁ ମନେ ରଖିବାକୁ ପଡ଼େ, ତେବେ କ'ଣ ହେବ?

ଯେତେବେଳେ ଜ୍ଞାନ କେବଳ ସ୍ମୃତି ମାଧ୍ୟମରେ ହସ୍ତାନ୍ତରିତ ହୁଏ, ସମୟ ସହିତ ସେଥିରେ ଛୋଟ ଛୋଟ ପରିବର୍ତ୍ତନ ଦେଖାଦେଇପାରେ - ଠିକ୍ ଚାଇନିଜ୍ ହୁଇସ୍ପର୍ସ ପରି। ସେଥିପାଇଁ ପ୍ରାଚୀନ ପଣ୍ଡିତମାନେ ବେଦ ଭଳି ଗ୍ରନ୍ଥଗୁଡ଼ିକୁ ଅତ୍ୟନ୍ତ ସଠିକତାର ସହ ମନେ ରଖିବା ପାଇଁ ସ୍ୱତନ୍ତ୍ର ପାଠ ଶୈଳୀ କୌଶଳ ବିକଶିତ କରିଥିଲେ।

ଆପଣ କାହିଁକି ଭାବୁଛନ୍ତି ଯେ ଲୋକମାନେ ଶେଷରେ ଧୀରେଧୀରେ ସବୁ ଜିନିଷ ଲେଖିବାକୁ ଆରମ୍ଭ କଲେ?

- ଚିନ୍ତାଧାରାଗୁଡ଼ିକ ଯେପରି ଥିଲା ସେଗୁଡ଼ିକୁ ସେହିପରି ସଂରକ୍ଷିତ କରି ରଖିବା ପାଇଁ
- ଅଧିକ ଲୋକଙ୍କ ସହ ଜ୍ଞାନ ବାଣ୍ଟିବା ପାଇଁ
- ସମୟ ସହିତ ତାଳଦେଇ ଭୁଲ୍ ହେବାକୁ ରୋକିବା ପାଇଁ

**କିମ୍ବା ବୋଧହୁଏ... ଏହି ତିନୋଟିଯାକ?**

**ଏହା ବିଷୟରେ ଚିନ୍ତା କରନ୍ତୁ**



# ଯେତେବେଳେ ଜ୍ଞାନ ଏକ ଲିପି ଆକାର ପ୍ରାପ୍ତ କଲା

ମୌଖିକ ପରମ୍ପରାର ଆହ୍ୱାନଗୁଡ଼ିକୁ ଅତିକ୍ରମ କରିବା ପାଇଁ, ଯେଉଁଠାରେ ସ୍ମୃତିଗୁଡ଼ିକ ଆବୃତ୍ତି ଏବଂ ଗପ ମାଧ୍ୟମରେ ପରପିଢ଼ିକୁ ହସ୍ତାନ୍ତର କରାଯାଉଥିଲା, ସୂଚନା ଲିପିବଦ୍ଧ କରିବା ପାଇଁ ଲେଖିବାର ଧାରଣା ଧୀରେ ଧୀରେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବରେ ଉଭା ହେଲା।

ଆପଣ କଳ୍ପନା କରିପାରିବେ କି ପ୍ରାୟ ୨୫୦୦ ବର୍ଷ ପୂର୍ବେ ଲେଖା କିପରି ଦେଖାଯାଉଥିଲା? ହୁଏତ, ଆପଣ କିଛି ଏପରି ଚିହ୍ନଗୁଡ଼ିକୁ କଳ୍ପନା କରିପାରନ୍ତି ଯାହା ଆଜି ଆମେ ଦେଖୁଥିବା ଅକ୍ଷରଗୁଡ଼ିକ ପରି ଆଦୌ ଦେଖାଯାଉ ନଥିବ। କିନ୍ତୁ ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ଅଧିକାଂଶ ଆଧୁନିକ ଭାରତୀୟ ଲିପିଗୁଡ଼ିକର ଉତ୍ପତ୍ତି 'ବ୍ରାହ୍ମୀ' ନାମକ ପ୍ରାଚୀନ ଲିପିରୁ ହୋଇଛି, ଯାହାକୁ ସମସ୍ତ ଆଧୁନିକ ଭାରତୀୟ ଲିପିର ଜନନୀ ବୋଲି ବିବେଚନା କରାଯାଏ।

ଭାଷା ଏବଂ ଲିପି ଏକା ଜିନିଷ ନୁହେଁ।

ଭାଷା ହେଉଛି ଯାହା ଲୋକମାନେ କହନ୍ତି (ଇଂରାଜୀ ଏବଂ ହିନ୍ଦୀ)। ଲିପି ହେଉଛି ଯେଉଁଥିରେ ଭାଷା ଲେଖାଯାଏ (ରୋମାନ ଲିପି ଏବଂ ଦେବନାଗରୀ ଲିପି)।

ଆଜି, ଆମେ ଅଜାଣତରେ ରୋମାନ ଲିପି ବ୍ୟବହାର କରି ହିନ୍ଦୀ, ତାମିଲ, ବଙ୍ଗାଳୀ, ଗୁଜରାଟୀ ଏବଂ ଅନ୍ୟାନ୍ୟ ଅନେକ ଭାଷାରେ ସାଧାରଣତଃ ଯୋଗାଯୋଗ କରୁଛୁ!

## ଆପଣ ଜାଣନ୍ତି କି?

ପ୍ରାଚୀନ ଭାରତରେ, ସମାନ ଭାଷା ବିଭିନ୍ନ ଲିପିରେ ଦେଖାଯାଇପାରୁଥିଲା ଏବଂ ସମାନ ଲିପିରେ ବିଭିନ୍ନ ଭାଷା ଲିପିବଦ୍ଧ କରାଯାଇପାରୁଥିଲା। ଉଦାହରଣ ସ୍ୱରୂପ, ଅଶୋକଙ୍କର ଅନେକ ଶିଳାଲେଖ ବ୍ରାହ୍ମୀ ଏବଂ ଖରୋଷ୍ଠୀ ଲିପି ବ୍ୟବହାର କରି ପ୍ରାକୃତ ଭାଷାର ବିଭିନ୍ନ ଆଞ୍ଚଳିକ ରୂପରେ ଲେଖାଯାଇଥିଲା।





## ଆସନ୍ତୁ ବ୍ରାହ୍ମୀ ଶିଖିବା

କିଛି ବ୍ରାହ୍ମୀ ଅକ୍ଷର ତଳେ ତାଲିକାଭୁକ୍ତ କରାଯାଇଛି।

| | | | | |
|---|---|---|---|---|
| 𑀲 = sa | 𑀓 = ka | 𑀢 = ta | 𑀭 = r | 𑀮 = la |
| 𑀤 = da | 𑀩 = ba | 𑀫 = ma | 𑀦 = na | 𑀳 = ha |


ଏବେ ତଳେ ଦିଆଯାଇଥିବା ବ୍ରାହ୍ମୀ ଲିପିରେ ଲେଖାଯାଇଥିବା ଇଂରାଜୀ ଶବ୍ଦଗୁଡ଼ିକୁ ଚିହ୍ନଟ କରନ୍ତୁ।

1. 𑀓𑀮𑀭
2. 𑀩 𑀢𑀦
3. 𑀲𑀫𑀭
4. 𑀢𑀦𑀮
5. 𑀫𑀤𑀭



ଏହା ଭାରହୁତ ସ୍ତୂପର ଏକ ସ୍ତମ୍ଭରେ (ବର୍ତ୍ତମାନ ଦିଲ୍ଲୀର ଜାତୀୟ ସଂଗ୍ରହାଳୟରେ ରଖାଯାଇଛି) ଲେଖାଯାଇଥିବା ବ୍ରାହ୍ମୀ ଭାଷାର ଏକ ବାର୍ତ୍ତା।

ଏଥିରେ କ'ଣ ଲେଖାଯାଇଛି ଆପଣ ଜାଣିପାରିବେ କି?




# ଯେତେବେଳେ ଜ୍ଞାନ ପୁସ୍ତକରେ ପରିଣତ ହେଲା

ଥରେ ଲେଖା ଶୈଳୀ ଅଧିକ ପ୍ରଚଳିତ ହେବା ପରେ, ଜ୍ଞାନକୁ ଆଉ କେବଳ ସ୍ମୃତିରେ ରଖିବାକୁ ପଡ଼ିଲା ନାହିଁ। ଚିନ୍ତାଧାରାଗୁଡ଼ିକୁ ଏବେ ଲିପିବଦ୍ଧ କରାଯାଇ ପାରିଲା, ନକଲ କରାଯାଇ ପାରିଲା ଏବଂ ପିଢ଼ି ପରେ ପିଢ଼ି ବଣ୍ଟାଯାଇ ପାରିଲା। ଏବଂ ଯେତେବେଳେ ବିଦ୍ୱାନମାନେ ଜିନିଷଗୁଡ଼ିକୁ ଲେଖିବା ଆରମ୍ଭ କଲେ, ସେମାନେ କେବଳ ପ୍ରାର୍ଥନା କିମ୍ବା ରୀତିନୀତି ବିଷୟରେ ଲେଖିଲେ ନାହିଁ। ସେମାନେ ଭାଷା, ଚିକିତ୍ସା ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, କୃଷି ଏବଂ ସ୍ଥାପତ୍ୟ ବିଷୟରେ ମଧ୍ୟ ଲେଖିଥିଲେ।

ସର୍ବପ୍ରଥମ ମହାନ ବିଦ୍ୱାନମାନଙ୍କ ମଧ୍ୟରୁ ଜଣେ ଥିଲେ ପାଣିନି, ଯିଏ ପ୍ରାୟ ୨୫୦୦ ବର୍ଷ ପୂର୍ବେ ବାସ କରୁଥିଲେ। ସେ 'ଅଷ୍ଟାଧ୍ୟାୟୀ' ନାମକ ଏକ ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ଲେଖିଥିଲେ, ଯେଉଁଥିରେ ସଂସ୍କୃତ ଭାଷାର ନିୟମଗୁଡ଼ିକ ବ୍ୟାଖ୍ୟା କରାଯାଇଥିଲା। ଶବ୍ଦଗୁଡ଼ିକ କିପରି ଗଠିତ ହୁଏ ଏବଂ ବାକ୍ୟଗୁଡ଼ିକ କିପରି କାମ କରେ ସେ ବିଷୟରେ ପାଣିନି ବର୍ଣ୍ଣନା କରିଥିଲେ। ଆଜି ମଧ୍ୟ ଅନେକ ଭାଷାବିତ୍ ଏବଂ କମ୍ପ୍ୟୁଟର ବୈଜ୍ଞାନିକ ପାଣିନିଙ୍କ ପଦ୍ଧତିକୁ ଏହାର ଅବିଶ୍ୱସନୀୟ ଯୁକ୍ତି ଏବଂ ସଠିକତା ପାଇଁ ଅଧ୍ୟୟନ କରନ୍ତି।

କିଛି ସମୟ ପରେ ଅନ୍ୟ ଜଣେ ପ୍ରଭାବଶାଳୀ ବିଦ୍ୱାନ କୌଟିଲ୍ୟ ଆବିର୍ଭାବ ହେଲେ। ଚାଣକ୍ୟ ନାମରେ ମଧ୍ୟ ପରିଚିତ, ସେ ରାଜନୀତି ବିଜ୍ଞାନ ଏବଂ ଅର୍ଥନୀତି ଉପରେ ଏକ ଯୁଗାନ୍ତକାରୀ ପୁସ୍ତକ 'ଅର୍ଥଶାସ୍ତ୍ର' ଲେଖିଥିଲେ। ଏଥିରେ ରାଜ୍ୟଗୁଡ଼ିକ କିପରି ଶାସିତ ହେବା ଉଚିତ, ଟିକସ କିପରି ସଂଗ୍ରହ କରାଯିବା ଉଚିତ ଏବଂ ଶାସକମାନେ କିପରି ଏକ ସ୍ଥିର ଏବଂ ସମୃଦ୍ଧ ରାଜ୍ୟ ବଜାୟ ରଖିପାରିବେ ସେ ବିଷୟରେ ବ୍ୟାଖ୍ୟା କରାଯାଇଥିଲା।

ଶହ ଶହ ବର୍ଷ ପରେ, ସୁଶ୍ରୁତ 'ସୁଶ୍ରୁତ ସଂହିତା' ଲେଖିଥିଲେ, ଯାହା ଏକ ଚିକିତ୍ସା ଗ୍ରନ୍ଥ ଯେଉଁଥିରେ ଅସ୍ତ୍ରୋପଚାର ପ୍ରଣାଳୀ, ଚିକିତ୍ସା ଉପକରଣ ଏବଂ ଆଘାତ ତଥା ରୋଗର ଚିକିତ୍ସା ପଦ୍ଧତି ବର୍ଣ୍ଣନା କରାଯାଇଛି। ଏହି କାର୍ଯ୍ୟ ଯୋଗୁଁ, ବିଦ୍ୱାନ ସୁଶ୍ରୁତଙ୍କୁ ପ୍ରାୟତଃ ବିଶ୍ୱର ଅସ୍ତ୍ରୋପଚାରର ପ୍ରଥମ ପ୍ରବର୍ତ୍ତକମାନଙ୍କ ମଧ୍ୟରୁ ଜଣେ ବୋଲି କୁହାଯାଏ।

ଖ୍ରୀଷ୍ଟାବ୍ଦ 5ମ ଶତାବ୍ଦୀରେ (ଯାହା ପ୍ରାୟ ୧୫୦୦ ରୁ ୧୬୦୦ ବର୍ଷ ପୂର୍ବେ), ପ୍ରତିଭାଶାଳୀ ଗଣିତଜ୍ଞ ଏବଂ ଜ୍ୟୋତିର୍ବିଜ୍ଞାନୀ ଆର୍ଯ୍ୟଭଟ୍ଟ 'ଆର୍ଯ୍ୟଭଟ୍ଟିୟ' ନାମକ ଏକ ଗ୍ରନ୍ଥ ଲେଖିଥିଲେ। ଏହି କାର୍ଯ୍ୟରେ ଆର୍ଯ୍ୟଭଟ୍ଟ ସଂଖ୍ୟା, ଗଣିତ, ଗ୍ରହମାନଙ୍କର ଗତି ଏବଂ ଗ୍ରହଣ ବିଷୟରେ ଧାରଣା ବ୍ୟାଖ୍ୟା କରିଥିଲେ। ତାଙ୍କର ଗାଣିତିକ ସିଦ୍ଧାନ୍ତ ପରବର୍ତ୍ତୀ ସମୟରେ କେବଳ ଭାରତରେ ନୁହେଁ ବରଂ ବିଶ୍ୱର ଅନ୍ୟାନ୍ୟ ପ୍ରାନ୍ତର ବିଦ୍ୱାନମାନଙ୍କୁ ମଧ୍ୟ ପ୍ରଭାବିତ କରିଥିଲା।

ଖ୍ରୀଷ୍ଟାବ୍ଦ 6ଷ୍ଠ ଶତାବ୍ଦୀ ବେଳକୁ (୧୪୦୦ ବର୍ଷରୁ ଅଧିକ ପୂର୍ବେ), ବିଦ୍ୱାନମାନେ ଏପରି ପୁସ୍ତକ ଲେଖୁଥିଲେ ଯେଉଁଥିରେ ଏକାସାଙ୍ଗରେ ଅନେକ ଭିନ୍ନ ଭିନ୍ନ ବିଷୟ ଅନ୍ତର୍ଭୁକ୍ତ ଥିଲା। ସେହିଭଳି ଏକ କୃତି ଥିଲା ବିଦ୍ୱାନ ବରାହମିହିରଙ୍କ ଦ୍ୱାରା ଲିଖିତ 'ବୃହତ ସଂହିତା'। ଏହି ଆଶ୍ଚର୍ଯ୍ୟଜନକ ଗ୍ରନ୍ଥରେ ଜ୍ୟୋତିର୍ବିଜ୍ଞାନ, ପାଣିପାଗର ଧାରା, କୃଷି, ସ୍ଥାପତ୍ୟ, ଜଳ ପରିଚାଳନା ଏବଂ ନଗର ଯୋଜନା ଭଳି ଭିନ୍ନ ଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏହା ପ୍ରାୟ ବିଜ୍ଞାନ ଏବଂ ବ୍ୟବହାରିକ ଜ୍ଞାନର ଏକ ପ୍ରାଚୀନ ଜ୍ଞାନକୋଷ ପରି ଥିଲା।

## ପ୍ରଦତ୍ତ ସୂଚନା ବ୍ୟବହାର କରି ଅକ୍ଷରଗୁଡ଼ିକୁ ସଜାନ୍ତୁ

a) ଅ ଣ କ ର ବ୍ୟା

ସୂଚନା: ବେଦାଙ୍ଗ ଯାହା ବେଦକୁ ସଠିକ୍ ଭାବରେ ବୁଝିବା ପାଇଁ ବ୍ୟବହୃତ ଭାଷା ଏବଂ ବ୍ୟାକରଣର ନିୟମ ଶିକ୍ଷା ଦିଏ।

b) ହ୍ମୀ ବ୍ରା

ସୂଚନା: ଅଶୋକଙ୍କ ଶିଳାଲେଖରେ ବ୍ୟବହୃତ ପ୍ରାଚୀନ ଲିପି।

c) ର୍ଯ୍ୟ ଟ୍ଟ ଭ ଆ

ସୂଚନା: ଅଶୋକଙ୍କ ଶିଳାଲେଖରେ ବ୍ୟବହୃତ ପ୍ରାଚୀନ ଲିପି।

d) ଣି ପା ନି

ସୂଚନା: ସଂସ୍କୃତକୁ ବ୍ୟବସ୍ଥିତ କରିଥିବା ମହାନ ବ୍ୟାକରଣବିତ୍।

# କବିଙ୍କ ଟ୍ରିଭିଆ




କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ଅନେକ ତଥ୍ୟ ଲିପିବଦ୍ଧ ହୋଇଛି। ସେ ରାଜନୀତି, ଗୁପ୍ତଚର, ଟିକସ ଏବଂ ଟ୍ରାଫିକ ନିୟମ ବିଷୟରେ ଲେଖିଥିଲେ!

ତେଣୁ ମୁଁ ଯେତେବେଳେ ପାଟଳିପୁତ୍ରରେ ଥିଲି, କୌଟିଲ୍ୟ ଏକ ସୁପରିଚାଳିତ ସହର ପାଇଁ ବହୁତ କଡ଼ା ନିୟମ ରଖିଥିଲେ। ସବୁକିଛି ବ୍ୟବସ୍ଥିତ ରଖିବା ପାଇଁ ସେ 'ନାଗରିକ' ନାମକ ଜଣେ ଶକ୍ତିଶାଳୀ ଅଧିକାରୀଙ୍କୁ ନିଯୁକ୍ତ କରିଥିଲେ, ଯିଏ କି ସହରର ମେୟରଙ୍କ ପ୍ରାଚୀନ ରୂପ ଥିଲେ। ରାଜପଥରେ ଅଳିଆ କିମ୍ବା କାଦୁଅ ପାଣି ପକାଉଥିବା ବ୍ୟକ୍ତିଙ୍କୁ ଜରିମାନା ଦେବାକୁ ପଡୁଥିଲା!
ବ୍ୟସ୍ତବହୁଳ ବାଣିଜ୍ୟ ମାର୍ଗଗୁଡ଼ିକରେ ବିଶୃଙ୍ଖଳା ରୋକିବା ପାଇଁ ନିଜସ୍ୱ ଟ୍ରାଫିକ ନିୟମ ମଧ୍ୟ ଥିଲା। ହାତୀ ପଲ ଯୋଗୁଁ ହେଉଥିବା ଟ୍ରାଫିକ ଜାମ୍ ବିଷୟରେ କଳ୍ପନା କରନ୍ତୁ! ସବୁକିଛି ଗତିଶୀଳ ରଖିବା ପାଇଁ, ଅର୍ଥଶାସ୍ତ୍ର ନିୟମ କରିଥିଲା ଯେ ପ୍ରତ୍ୟେକ ବ୍ୟକ୍ତି ବୃଦ୍ଧବୃଦ୍ଧା, ଭାରୀ ବୋଝ ବୋହୁଥିବା ଲୋକ ଏବଂ ନିଶ୍ଚିତ ଭାବରେ ରାଜକୀୟ ହାତୀମାନଙ୍କୁ ଯିବା ପାଇଁ ପ୍ରଥମେ ପଥ ଛାଡ଼ିବାକୁ ପଡିବ।

ଏବଂ ଥରେ, ଯେତେବେଳେ ମୁଁ ରାସ୍ତାରେ ଏକ ସୁନା ମୁଦ୍ରା ପାଇଲି, ମୁଁ ଏହାକୁ ରଖିପାରିଲି ନାହିଁ! ନିୟମ ଅନୁଯାୟୀ, ମୋତେ ଏହାକୁ ସହର ଦ୍ୱାରରେ ଥିବା 'ଲଷ୍ଟ ଆଣ୍ଡ ଫାଉଣ୍ଡ' (ହଜିଥିବା ଏବଂ ମିଳିଥିବା ଦ୍ରବ୍ୟ) କାର୍ଯ୍ୟାଳୟକୁ ନେବାକୁ ପଡିଲା, ଯାହାର ମୁଖ୍ୟ ଥିଲେ 'ଶୁଳ୍କ-ଅଧ୍ୟକ୍ଷ'। ଏହିଭଳି ସମସ୍ତ ସାମଗ୍ରୀ ପାଇଁ, ଯଦି ପ୍ରକୃତ ମାଲିକ ସେହି ଜିନିଷଟିର ସଠିକ୍ ବର୍ଣ୍ଣନା ଦେଇପାରୁଥିଲେ, ତେବେ ସେମାନେ ତାହା ଫେରି ପାଉଥିଲେ। କିନ୍ତୁ ଯଦି କିଛି ଦିନ ପରେ କେହି ଏହାକୁ ଦାବି କରୁନଥିଲେ, ତେବେ ସେହି ସମ୍ପତ୍ତି ସିଧାସଳଖ ରାଜାଙ୍କ କୋଷାଗାରକୁ ଯାଉଥିଲା!



## ଏହା ଆମକୁ କ'ଣ କହୁଛି?

ପ୍ରାଚୀନ ଭାରତରେ ଶିକ୍ଷା କେବଳ ପାଠ ମନେ ରଖିବା କିମ୍ବା ପ୍ରାର୍ଥନା ଗାନ କରିବା ବିଷୟରେ ନଥିଲା। ଛାତ୍ର ଏବଂ ପଣ୍ଡିତମାନେ ଭାଷା, ପ୍ରକୃତି, ଚିକିତ୍ସା ବିଜ୍ଞାନ, ପଦାର୍ଥ ଏବଂ ବ୍ରହ୍ମାଣ୍ଡ ବିଷୟରେ ମଧ୍ୟ ପ୍ରଶ୍ନ ପଚାରୁଥିଲେ। ସେମାନଙ୍କର କୌତୁହଳ ଜ୍ଞାନର ଏକ ପରମ୍ପରା ସୃଷ୍ଟି କରିବାରେ ସାହାଯ୍ୟ କରିଥିଲା ଯାହା ଆଜି ମଧ୍ୟ ବୈଜ୍ଞାନିକ ଏବଂ ପଣ୍ଡିତମାନଙ୍କୁ ଅନୁପ୍ରାଣିତ କରିଚାଲିଛି।

## ବିଦ୍ୱାନଙ୍କ ସହ ବିଷୟକୁ ମିଳାନ୍ତୁ



| ସ୍ତମ୍ଭ A | ସ୍ତମ୍ଭ B |
|---|---|
| ପାଣିନି | ଜ୍ୟୋତିର୍ବିଜ୍ଞାନ |
| ସୁଶ୍ରୁତ | ବ୍ୟାକରଣ |
| ଆର୍ଯ୍ୟଭଟ୍ଟ | ରାଜନୀତି ବିଜ୍ଞାନ |
| ଚାଣକ୍ୟ | ଚିକିତ୍ସା ବିଜ୍ଞାନ |

# ତିହାସ ଶିକ୍ଷାଦାନ

## ପାଠ୍ୟପୁସ୍ତକ ବାହାରେ ଇତିହାସ

ଶିକ୍ଷକଙ୍କ ବିଭାଗ

ଇତିହାସ ପ୍ରାୟତଃ ଦୂରର ଘଟଣାବଳୀର ଏକ ଶୃଙ୍ଖଳା ପରି ମନେହୁଏ, ବିଶେଷ କରି ତାରିଖ ଏବଂ ଶାସକମାନଙ୍କର ଲମ୍ବା ତାଲିକା।

ତଥାପି, ଯେତେବେଳେ ଆମେ ଛାତ୍ରଛାତ୍ରୀମାନଙ୍କୁ ଦେଖାଉ ଯେ ଅତୀତ ପ୍ରକୃତରେ ସେହି ଦୁନିଆର ମୂଳଦୁଆ ଯେଉଁଥିରେ ସେମାନେ ପ୍ରତିଦିନ ଚାଲୁଛନ୍ତି, ସେତେବେଳେ ଏହା ପ୍ରକୃତରେ ଆକର୍ଷଣୀୟ ହୋଇଯାଏ। କେବଳ ତାରିଖ ଏବଂ ରାଜବଂଶ ଉପରେ ଧ୍ୟାନ ଦେବା ପରିବର୍ତ୍ତେ, ଐତିହାସିକ ବ୍ୟକ୍ତିମାନେ ସହରୀ ଯୋଜନା ଏବଂ ଜଳାଭାବ ଭଳି ଆଜି ଆମେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ କିପରି ସମାଧାନ କରିଥିଲେ ତାହା ଅନୁସନ୍ଧାନ କରି ଆମେ ଆଗ୍ରହ ସୃଷ୍ଟି କରିପାରିବା। ଆମ ସହରର ଭୌତିକ ପରିବେଶ ସହିତ ପାଠ୍ୟକ୍ରମକୁ ଯୋଡିବା ଦ୍ୱାରା, ଆମେ ଛାତ୍ରଛାତ୍ରୀମାନଙ୍କୁ ନିଷ୍କ୍ରିୟ ଶ୍ରୋତାରୁ ଐତିହାସିକ ଗୁଇନ୍ଦାରେ ପରିଣତ କରିଥାଉ।

ଏହାର ଏକ ଉତ୍କୃଷ୍ଟ ଉଦାହରଣ ହେଉଛି ରାଜା କେମ୍ପେଗୌଡ଼ା ପ୍ରଥମଙ୍କ ଅଧୀନରେ ୧୬ଶ ଶତାବ୍ଦୀରେ ବେଙ୍ଗାଲୁରୁର ସମ୍ପ୍ରସାରଣ। ଯେହେତୁ ସହରଟି କୌଣସି ବଡ଼ ନଦୀ ନଥିବା ଏକ ପାହାଡ଼ ଉପରେ ଅବସ୍ଥିତ, କେମ୍ପେଗୌଡ଼ା ହ୍ରଦ (କେରେ) ଏବଂ ପୁଷ୍କରିଣୀ **(କଲ୍ୟାଣୀ)** ର ଏକ ଅଭିନବ 'କାସକେଡିଂ' **(ଏକାଧିକ ସ୍ତର ବିଶିଷ୍ଟ)** ବ୍ୟବସ୍ଥା ପ୍ରସ୍ତୁତ କରିଥିଲେ।

ଏଗୁଡ଼ିକ 'ରାଜକାଲୁଭେ' ନାମକ 'ରାଜକୀୟ କେନାଲ' ଦ୍ୱାରା ସଂଯୁକ୍ତ ଥିଲା। ଏହି ଜଳାଶୟଗୁଡ଼ିକର ନେଟୱାର୍କ ନିଶ୍ଚିତ କରୁଥିଲା ଯେ ଯେତେବେଳେ ବର୍ଷା ହେଉଥିଲା, ପୁଷ୍କରିଣୀ ବା ହ୍ରଦରୁ ବଳକା ପାଣି ପରବର୍ତ୍ତୀ ଜଳାଶୟକୁ ପୂର୍ଣ୍ଣ କରୁଥିଲା ଏବଂ ଏହିପରି ଭାବରେ ବର୍ଷା ଜଳ ନଷ୍ଟ ହେଉନଥିଲା। ଏହା କେବଳ ପୋଖରୀର ସମାହାର ନଥିଲା, ବରଂ ଏହା ଏକ ରଣନୀତିକ ନେଟୱାର୍କ ଥିଲା ଯାହା ଭୂତଳ ଜଳକୁ ପୁନର୍ଭରଣ କରୁଥିଲା ଏବଂ କୃଷି କାର୍ଯ୍ୟରେ ସାହାଯ୍ୟ କରୁଥିଲା। ଏହାକୁ ଶ୍ରେଣୀଗୃହକୁ ଆଣିବା ଦ୍ୱାରା ଛାତ୍ରଛାତ୍ରୀମାନେ ଇତିହାସକୁ କେବଳ ପାଠ୍ୟପୁସ୍ତକର ଏକ ପୁରୁଣା ଯୁଗର କାହାଣୀ ବୋଲି ନଭାବି ଏକ ବ୍ୟାପକ ବିଷୟ ଭାବରେ ଦେଖିପାରିବେ।

ଏହାକୁ ବ୍ୟବହାରିକ କରିବା ପାଇଁ, ଏକ 'ନିକଟବର୍ତ୍ତୀ ସନ୍ଧାନ' (neighbourhood search) କାର୍ଯ୍ୟକଳାପ ଚେଷ୍ଟା କରନ୍ତୁ। ସହରୀକରଣ ଯୋଗୁଁ ଏହି ପ୍ରାଚୀନ ହ୍ରଦଗୁଡ଼ିକ ମଧ୍ୟରୁ ଅନେକ ନିଶ୍ଚିହ୍ନ ହୋଇଯାଇଛି, କିନ୍ତୁ ମୂଳ ରାଜକାଲୁଭେ ବା ପୁରୁଣା କଲ୍ୟାଣୀଗୁଡ଼ିକର ଚିହ୍ନ ପ୍ରାୟତଃ ରହିଯାଇଛି।

ଆପଣଙ୍କ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ନିଜ ଅଞ୍ଚଳରେ ଏହି ବୈଶିଷ୍ଟ୍ୟଗୁଡ଼ିକୁ ଖୋଜିବାକୁ କୁହନ୍ତୁ କିମ୍ବା ଗୁଗଲ୍ ମ୍ୟାପ୍ସ ସହିତ ଐତିହାସିକ ମାନଚିତ୍ରଗୁଡ଼ିକୁ ତୁଳନା କରିବାକୁ କୁହନ୍ତୁ। ଯେତେବେଳେ ସେମାନେ ଅନୁଭବ କରିବେ ଯେ ସେମାନଙ୍କ ପଡ଼ୋଶୀ ଅଞ୍ଚଳର ଭୂଗୋଳ ଏକ ୫୦୦ ବର୍ଷ ପୁରୁଣା ଜଳ ବ୍ୟବସ୍ଥା ଦ୍ୱାରା ନିର୍ଦ୍ଧାରିତ ହୋଇଥିଲା, ଏବଂ ଅପରିକଳ୍ପିତ ବିକାଶ ଏହି ବ୍ୟବସ୍ଥାକୁ ବାଧାପ୍ରାପ୍ତ କରିଛି, ଯାହା ଫଳରେ ପ୍ରବଳ ବର୍ଷା ସମୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି, ସେତେବେଳେ ଏହି ବିଷୟଟି ଶେଷରେ ଆକର୍ଷଣୀୟ, ପ୍ରାସଙ୍ଗିକ ଏବଂ ବ୍ୟବହାରିକ ପ୍ରୟୋଗ ସହିତ ଜଡ଼ିତ ବୋଲି ମନେହେବ!


ଏହିଭଳି ଅଧିକ କାର୍ଯ୍ୟକଳାପ ପାଇଁ, ବିଜୟନଗରର ଜଳ ପରିଚାଳନା ବ୍ୟବସ୍ଥା ଉପରେ ମାଲା କୁମାରଙ୍କ ଦ୍ୱାରା ଲିଖିତ ***The Missing Rocks of Hampi*** ପଢ଼ନ୍ତୁ।



# ପୁସ୍ତକ ସମୀକ୍ଷା

by

**୧୫ ବର୍ଷୀୟ ବିଘ୍ନେଶ ଏସ୍**




**ଇନଷ୍ଟାଗ୍ରାମ ହ୍ୟାଣ୍ଡେଲ:**
@mangala.krishnamurthy.581

**କିଣିବା ପାଇଁ ଏଠାରେ ସ୍କାନ୍ କରନ୍ତୁ**

ଚେନ୍ନାଇ ଭ୍ରମଣ ସମୟରେ, ଆମେ ମାଉଣ୍ଟ ରୋଡରେ ଥିବା ପୁରୁଣା ଏବଂ ଚିରହରିତ ହିଗିନ୍ସ ବୋଥାମ୍ସ (Higgins Bothams) ବହି ଦୋକାନକୁ ଯିବା ପାଇଁ ବହୁତ ଆଗ୍ରହୀ ଥିଲୁ! ଏହି ଦୋକାନ ପରିଦର୍ଶନ କରି ମୋର ଏକ ଚମତ୍କାର ଅନୁଭୂତି ହୋଇଛି, ଏବଂ ମୁଁ ଯେତେବେଳେ ବି ଚେନ୍ନାଇରେ ଥାଏ, ସେଠାରୁ ବହି କିଣିବାକୁ କେବେବି ଭୁଲେ ନାହିଁ।

ସବୁଥର ପରି, ମୁଁ ପାଞ୍ଚଟି ବହି କିଣିଥିଲି, କିନ୍ତୁ ଗୋଟିଏ ବହି ଯାହା ମୋର ଦୃଷ୍ଟି ଆକର୍ଷଣ କରିଥିଲା ତାହା ହେଉଛି ହରିଣୀ ଶ୍ରୀନିବାସନଙ୍କ ଦ୍ୱାରା ଲିଖିତ 'The Merchant of Nagapattinam, The Origin Story'। ଯେହେତୁ ମୋର ଐତିହାସିକ କାଳ୍ପନିକ (historical fiction) ବହି ପ୍ରତି ଆଗ୍ରହ ଅଛି, ମୁଁ ଏହି ବହିଟି କିଣି ବହୁତ ଖୁସି ହୋଇଥିଲି।

ବହିଟି ପଢ଼ିବା ପୂର୍ବରୁ ମୋର ବହୁତ ପ୍ରତ୍ୟାଶା ଥିଲା। ଆଉ ବାଃ, ବହିଟି ମୋର ଆଶାଠାରୁ ମଧ ଅଧିକ ଭଲ ଥିଲା! ଏଥିରେ ନାଟକୀୟତା ଏବଂ ରହସ୍ୟର ଏକ ସୁନ୍ଦର ମିଶ୍ରଣ ଥିଲା।

ଏଥିରେ ଚୋଳ ନାଡୁ (ଚୋଳମାନଙ୍କ ଦ୍ୱାରା ଶାସିତ ଅଞ୍ଚଳ) ର ସ୍ପଷ୍ଟ ଚିତ୍ରଣ କରାଯାଇଛି। ଏହାର ଚରିତ୍ରଗୁଡ଼ିକର ବିଶ୍ଳେଷଣ ହେଉଛି ଏହି ବହିର ସବୁଠାରୁ ବଡ଼ ବିଶେଷତ୍ୱ। ପ୍ରତ୍ୟେକ ଚରିତ୍ରର ଏକ ନିର୍ଦ୍ଦିଷ୍ଟ ଭୂମିକା ରହିଛି ଏବଂ କାହାଣୀର ବିଭିନ୍ନ ଜାଗାରେ ପ୍ରତ୍ୟେକ ଚରିତ୍ର ଭିନ୍ନ ଭିନ୍ନ ଭାବପ୍ରକାଶ କରିଛନ୍ତି। ଉଦାହରଣ ସ୍ୱରୂପ, ମୁଖ୍ୟ ଚରିତ୍ର ପାମ୍ବନ୍‌ଙ୍କଠାରେ କ୍ରୋଧ, ଦୁଃଖ, ଯନ୍ତ୍ରଣା, ଖୁସି, ଦ୍ୱନ୍ଦ୍ୱ ଇତ୍ୟାଦି ଦେଖିବାକୁ ମିଳେ।

କାହାଣୀର ସବୁଠାରୁ ପ୍ରଭାବଶାଳୀ ଦିଗ ହେଉଛି ଯେ, ଲେଖିକା ବିଭିନ୍ନ ଚରିତ୍ରର ଦୃଷ୍ଟିକୋଣରୁ ଘଟଣାଗୁଡ଼ିକୁ ଦେଖିବା ସତ୍ତ୍ୱେ କାହାଣୀର ମୁଖ୍ୟ ଧାରାକୁ ଅକ୍ଷୁଣ୍ଣ ରଖିଛନ୍ତି। ଲେଖିକା ପାଠକଙ୍କ ଅନୁମାନ ପାଇଁ କିଛି କାହାଣୀର ଶୂନ୍ୟସ୍ଥାନ (plot holes) ଛାଡିଛନ୍ତି। ପ୍ରଥମ ଥର ପାଇଁ କାହାଣୀଟି ପଢ଼ିବାବେଳେ, କାହାଣୀର ପରବର୍ତ୍ତୀ ଭାଗରେ କିଛି ଅସଙ୍ଗତି ବା ଶୂନ୍ୟସ୍ଥାନ ଜଣାପଡ଼ିପାରେ। କିନ୍ତୁ ଯେତେବେଳେ ଆପଣ ଏହାକୁ ଦ୍ୱିତୀୟ ଥର ପାଇଁ ଧୀରେ ଧୀରେ ପଢ଼ିବେ, ଆପଣ ବୁଝିପାରିବେ ଯେ ସବୁକିଛି ଅର୍ଥପୂର୍ଣ୍ଣ ଏବଂ ପରସ୍ପର ସହ ଜଡ଼ିତ।


ଏହା ଏପରି ଏକ ଚମତ୍କାର କାହାଣୀ ଯେ ଏହାକୁ ସବୁ ବୟସର ଲୋକମାନେ ପଢ଼ିପାରିବେ ଏବଂ ଏହା ସମସ୍ତଙ୍କ ପାଇଁ ପ୍ରାସଙ୍ଗିକ ହେବ। ପ୍ରତ୍ୟେକ ଚରିତ୍ରକୁ ଏତେ ଗଭୀର ଏବଂ ଜଟିଳ ଭାବରେ ଚିତ୍ରଣ କରାଯାଇଛି। ମୋଟାମୋଟି ଭାବରେ, ଏହା ଏକ ଅଦ୍ଭୁତ ବହି! କେବଳ ପ୍ରଥମ ଅଧ୍ୟାୟଟି ପଢ଼ନ୍ତୁ, ଏବଂ ମୁଁ ନିଶ୍ଚିତ ଯେ ଆପଣମାନଙ୍କ ମଧ୍ୟରୁ କେହି ବି ପାଠକ ଏହି ବହିଟିକୁ ପଢ଼ିବା ଗୋଟିଏ ସେକେଣ୍ଡ ପାଇଁ ବି ବନ୍ଦ କରିବେ ନାହିଁ।

# YUVA ର ସୁପାରିଶ

ପୁଣି ଥରେ ଖରାଦିନ ଆସିଯାଇଛି, ଏବଂ ଏହାର ଅର୍ଥ ହେଉଛି ଏହି ଲମ୍ବା ଛୁଟିରେ ପିଲାମାନଙ୍କୁ ବ୍ୟସ୍ତ ଏବଂ କୌତୁହଳୀ ରଖିବାର ପରିଚିତ ଆହ୍ୱାନ।

ଯଦି ଆପଣ ଛୁଟିଦିନକୁ ଏକ ରୋମାଞ୍ଚକର ଅନୁଭୂତିରେ ପରିଣତ କରିବାକୁ ଚାହୁଁଛନ୍ତି, ତେବେ ଭାରତକୁ ଗଢ଼ିଥିବା କାହାଣୀଗୁଡ଼ିକୁ କାହିଁକି ଅନୁସନ୍ଧାନ କରୁନାହାନ୍ତି?

1





***Revolutionaries: Fight For Freedom***

ସଞ୍ଜୀବ ସାନ୍ୟାଲଙ୍କ ଦ୍ୱାରା

ସ୍ୱଳ୍ପ ପରିଚିତ ଭାରତୀୟ ସ୍ୱାଧୀନତା ସଂଗ୍ରାମୀଙ୍କ କାହାଣୀ।

2





***Travelling Treasures***

ମାଲା କୁମାରଙ୍କ ଦ୍ୱାରା

ଭାରତୀୟ ସଂଗ୍ରହାଳୟର କଳାକୃତି ଏବଂ ସେଗୁଡ଼ିକର ଐତିହାସିକ ଗୁରୁତ୍ୱ ପଛରେ ଥିବା କାହାଣୀଗୁଡ଼ିକୁ ଉନ୍ମୋଚନ କରେ।

3




***Rani Durgavati***


ନନ୍ଦିନୀ ସେନ ଗୁପ୍ତାଙ୍କ ଦ୍ୱାରା

ମୁଗଲମାନଙ୍କ ବିରୁଦ୍ଧରେ ଲଢ଼ିଥିବା ଜଣେ ବୀର ଯୋଦ୍ଧା ରାଣୀ ଦୁର୍ଗାବତୀଙ୍କ ସାହସିକ କାହାଣୀ।

4

***A Hoysala Adventure***

ନିତିନ କୁଶାଲପ୍ପାଙ୍କ ଦ୍ୱାରା




ଦ୍ୱାଦଶ ଶତାବ୍ଦୀର ହୋୟସାଲା ସାମ୍ରାଜ୍ୟ ଉପରେ ଆଧାରିତ ଏକ ଐତିହାସିକ କାଳ୍ପନିକ କାହାଣୀ।

# ଉତ୍ତରଗୁଡ଼ିକ

## ବିଦ୍ୱାନଙ୍କୁ ବିଷୟ ସହିତ ମିଳାନ୍ତୁ

1. ପାଣିନି- ବ୍ୟାକରଣ
2. ସୁଶ୍ରୁତ- ଚିକିତ୍ସା ବିଜ୍ଞାନ
3. ଆର୍ଯ୍ୟଭଟ୍ଟ- ଜ୍ୟୋତିର୍ବିଜ୍ଞାନ
4. ଚାଣକ୍ୟ- ରାଜନୀତି ବିଜ୍ଞାନ

## ଆସନ୍ତୁ ବ୍ରାହ୍ମୀ ଶିଖିବା

1. ରଙ୍ଗ
2. ବୋତାମ୍
3. ଗ୍ରୀଷ୍ମ
4. ସୁଡ଼ଙ୍ଗ
5. ମାଁ

## ପ୍ରଦତ୍ତ ସୂଚନା ବ୍ୟବହାର କରି ଅକ୍ଷରଗୁଡ଼ିକୁ ସଜାନ୍ତୁ

1. ବ୍ୟାକରଣ
2. ବ୍ରାହ୍ମୀ
3. ଆର୍ଯ୍ୟଭଟ୍ଟ
4. ପାଣିନି

## କୃତଜ୍ଞତାର ସହ


ଭାବିଷ୍ ଅଗର୍ୱାଲ୍
ପ୍ରତିଷ୍ଠାତା ଓ ଅଧ୍ୟକ୍ଷ, ଓଲା ଫାଉଣ୍ଡେସନ୍


ରାଜଲକ୍ଷ୍ମୀ ଅଗର୍ୱାଲ୍
ସଭାପତି, ଓଲା ଫାଉଣ୍ଡେସନ୍


ଦେୱେସ୍ ବର୍ମା
କମ୍ପାନୀ ମୁଖ୍ୟ, , ଓଲା ଫାଉଣ୍ଡେସନ୍

ଆମେ ଭାବିଷ୍ ଅଗ୍ରୱାଲ, ରାଜଲକ୍ଷ୍ମୀ ଅଗ୍ରୱାଲ୍, ଦେବେଶ୍ ବର୍ମା ଏବଂ ଓଲା ଫାଉଣ୍ଡେସନ୍‌ଙ୍କ ନିକଟରେ ଚୀର ଆଭାରୀ, ଯାହାଙ୍କର ସହଯୋଗ ଆମକୁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାରେ ସାହାଯ୍ୟ କରୁଛି।

OLA FOUNDATION

## ୟୁଭା ଆଉଟରିଚ୍ ପାର୍ଟନର୍ସ

Friends of Tribals Society
isha VIDHYA Educating Rural India
WHO VR
NAAV AI

## ଆମକୁ ଫଲୋ କରନ୍ତୁ

JOIN OUR MAGAZINE
JOIN OUR COMMUNITY